
# ଡ. ପ୍ରସନ୍ନ କୁମାର ମହାନ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ



**(ବିଶିଷ୍ଟ କବି ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ମହାନ୍ତିଙ୍କୁ 'ଆମରି ସତ୍ୟ' ପାଇଁ ଏକ ସାକ୍ଷାତକାର ଲାଗି ତାଙ୍କ ସରକାରୀ କାର୍ଯ୍ୟାଳୟରେ ପତ୍ରିକାର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଭେଟିଥିଲେ। ସେହି ଅନ୍ତରଙ୍ଗ ଆଳାପର ମୁଖ୍ୟାଂଶ ନିମ୍ନରେ ପରିବେଷିତ...)**

☐ **ପ୍ରମୋଦ ଚନ୍ଦ୍ର ଦାଶ:** ପ୍ରସନ୍ନ ବାବୁ! ଆପଣଙ୍କୁ 'ଆମରି ସତ୍ୟ' ପରିବାର ପ୍ରଥମେ କୃତଜ୍ଞତା ଜଣାଉଅଛି ଯେ, ଆପଣଙ୍କର ଉଦ୍ୟମ ଯୋଗୁଁ ଓଡ଼ିଆ ଭାଷା ଷଷ୍ଠ ଭାରତୀୟ ଭାଷା ରୂପେ ଶାସ୍ତ୍ରୀୟ ମାନ୍ୟତା ପାଇଲା। ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ଓଡ଼ିଆ ଭାଷା ପ୍ରତିଷ୍ଠାନ କି ପ୍ରକାର ପ୍ରଚେଷ୍ଟା କରିଥିଲା ?

☐ **ପ୍ରସନ୍ନ କୁମାର ମହାନ୍ତି:** ଧନ୍ୟବାଦ ପ୍ରମୋଦବାବୁ। ଆମ ପ୍ରିୟ ମାତୃଭାଷା 'ଓଡିଆ' ଶାସ୍ତ୍ରୀୟ ମାନ୍ୟତା ପାଇବା ସମଗ୍ର ରାଜ୍ୟବାସୀଙ୍କ ଲାଗି ନିଶ୍ଚୟ ଏକ ଐତିହାସିକ ଗୌରବ। ସାଢ଼େ ୪କୋଟି ଓଡ଼ିଆଙ୍କ ପାଇଁ ଏହା ଏକ ଉତ୍ସବମୟ ଅବସର। ପ୍ରକୃତରେ ଏହି ଗୌରବ ଆଜି ଆମକୁ ମିଳିଛି ଆମର ମହାନ୍ ପୂର୍ବପୁରୁଷମାନଙ୍କ ପାଇଁ। ସେମାନେ କେବଳ ଏକ କଳାପ୍ରିୟ, ସଂସ୍କୃତିସଂପନ୍ନ, ସାହସୀ ଓ ଧର୍ମାଶ୍ରିତ ଜାତି ନଥିଲେ-ସେମାନେ ପ୍ରାତଃସ୍ମରଣୀୟ ଯେ 'ଓଡ଼ିଆ ଭାଷା' ଭଳି ଏକ ପୌରୁଷପୂର୍ଣ୍ଣ, ସମ୍ଭ୍ରାନ୍ତ, ଉଚ୍ଚକୋଟୀର, ଶୁଦ୍ଧ ଓ ପରିଚ୍ଛନ୍ନ ଭାଷା ସୃଷ୍ଟି କରିଥିଲେ। ସେ ଭାଷାର ଶବ୍ଦତତ୍ତ୍ୱ, ବ୍ୟାକରଣ, ଲିପି / ବର୍ଣ୍ଣମାଳା, ଧ୍ୱନିତତ୍ତ୍ୱ ପ୍ରଭୃତିରେ ଅସାଧାରଣ ମୌଳିକ ବିଚାର ଓ କୌଶଳ ସନ୍ନିହିତ କରିଥିଲେ। ପରବର୍ତ୍ତୀ ସମୟରେ ତାହା ଆହୁରି ମାର୍ଜିତ ଓ ଉନ୍ନତ ହୋଇଥିଲା।

ବର୍ତ୍ତମାନ ଆମ ଭାଷା ଯେଉଁ ଶାସ୍ତ୍ରୀୟ ମାନ୍ୟତା ପାଇଲା ତାହା ସମ୍ଭବ ହେଲା ବହୁ ବିଶିଷ୍ଟ ଭାଷାତତ୍ତ୍ୱବିଦ୍, ଭାଷା-ଗବେଷକ, ଐତିହାସିକ, ଲୋକପ୍ରତିନିଧି ଓ ଭାଷାବିଶେଷଜ୍ଞଙ୍କ ଐକାନ୍ତିକ ସାମୂହିକ ଉଦ୍ୟମ ଯୋଗୁଁ। କେନ୍ଦ୍ର ସରକାର କୌଣସି ଭାରତୀୟ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ଯେଉଁ ଯୋଗ୍ୟତାସମୂହ ନିର୍ଦ୍ଧାରଣ କରିଛନ୍ତି ସେଥିରେ ଆମ ଭାଷାକୁ ଦେଢ଼ହଜାର ବର୍ଷରୁ ଅଧିକ ପ୍ରାଚୀନ ବୋଲି ପ୍ରମାଣ କରିବା ସହ ଆମର ପ୍ରାଚୀନ ଶାସ୍ତ୍ର ବିଷୟରେ, ଆମ ପ୍ରାଚୀନ ରଚନାବଳୀର ମୌଳିକତା ବିଷୟରେ, ଆମ ଜାତି ଓ ଭାଷାର ଅବିଚ୍ଛିନ୍ନ ବିକାଶକ୍ରମ ସଂପର୍କରେ, ଆମ ଭାଷାର ପ୍ରାଚୀନ ଓ ଆଧୁନିକ ରୂପର ଭିନ୍ନତା ପ୍ରଭୃତି ବିଷୟରେ ପ୍ରାମାଣିକ ତଥ୍ୟ ପରିବେଷଣ କରିବା ଆବଶ୍ୟକ ଥିଲା।

ଓଡ଼ିଆ ଭାଷା ପ୍ରତିଷ୍ଠାନ ମାଧ୍ୟମରେ ଏହି ଗବେଷଣା କାର୍ଯ୍ୟ ସଂପନ୍ନ କରିବା ପାଇଁ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଥିଲେ। ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବରେ ମୁଁ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା କମିଟି'ର ଆବାହକ ଥିଲି। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ବିଜୟ ନାୟକ ଥିଲେ ସହ-ଆବାହକ। ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଥିଲେ କମିଟିର ଅଧ୍ୟକ୍ଷ। ବିଶେଷଜ୍ଞମାନେ ଥିଲେ ବିଶିଷ୍ଟ ଭାଷା ତତ୍ତ୍ୱବିଦ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସମେତ ୧୦ଜଣ ବିଦ୍ୱାନ୍। ସେମାନେ ନାନାସୂତ୍ରରୁ ମୂଲ୍ୟବାନ୍ ତଥ୍ୟ ସଂଗ୍ରହ କରି ସେସବୁର ବିଶ୍ଳେଷଣ ଓ ବ୍ୟବଚ୍ଛେଦ ପୂର୍ବକ ସନ୍ଦର୍ଭ / ବିବରଣୀ ପ୍ରସ୍ତୁତ କରିବାକୁ ଲାଗିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନରେ ସେସବୁର କମ୍ପ୍ୟୁଟର ଲିପିକରଣ ଓ ସଂଶୋଧନ କରାଗଲା। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ରାଜ୍ୟ ଅଭିଲେଖାଗାରରେ ବହୁବାର ବିଶେଷଜ୍ଞମାନଙ୍କ ବୈଠକ ଡକାଇବାକୁ ପଡ଼ିଥିଲା। ଶେଷରେ ପ୍ରାୟ ୪୫୦ପୃଷ୍ଠାର ଏକ ପ୍ରାମାଣିକ ତଥ୍ୟ ଓ ଚିତ୍ର ସମ୍ବଳିତ ଉଚ୍ଚକୋଟୀର ଗବେଷଣାତ୍ମକ ବିବରଣୀ ପ୍ରସ୍ତୁତ ହୋଇ ପୁସ୍ତକ ରୂପରେ ଆକର୍ଷଣୀୟ କଳେବରରେ ମୁଦ୍ରିତ ହେଲା। ସେହି ବିବରଣୀ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗକୁ ପ୍ରେରଣ କରାଗଲା। ସଂସ୍କୃତି ବିଭାଗ କେନ୍ଦ୍ର ସାହିତ୍ୟ ଏକାଡେମୀ ମାଧ୍ୟମରେ ଗଠିତ ଭାଷା ବିଶେଷଜ୍ଞ କମିଟି ନିକଟରେ ଉକ୍ତ ବିବରଣୀକୁ ବିଚାର ନିମନ୍ତେ ଉପସ୍ଥାପନ କରିବାକୁ ପ୍ରେରଣ କଲେ। କମିଟି ଉକ୍ତ ବିବରଣୀର ଉଚ୍ଚ ପ୍ରଶଂସା କରିବା ସହିତ ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କଲେ। ଏହା ପରେ କେନ୍ଦ୍ର କ୍ୟାବିନେଟ୍ ବୈଠକର କାର୍ଯ୍ୟସୂଚୀରେ ଏହି ପ୍ରସଙ୍ଗ ସ୍ଥାନିତ ହେଲା ଏବଂ ୨୦.୦୨.୨୦୧୪ତାରିଖ ପୂର୍ବାହ୍ନରେ କେନ୍ଦ୍ର କ୍ୟାବିନେଟ୍ ଉକ୍ତ ସୁପାରିଶ୍ ଅନୁଯାୟୀ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କଲେ।

☐ **ପ୍ର.ଚ.ଦା:** ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ କେନ୍ଦ୍ର ସରକାରଙ୍କ ତରଫରୁ କ'ଣ ସବୁ ସୁବିଧା ସୁଯୋଗ ମିଳିବ ?

☐ **ପ୍ର.କୁ.ମ:** କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁସାରେ ଶାସ୍ତ୍ରୀୟ ମାନ୍ୟତା

ପାଇଥିବା ଭାଷାର ଉନ୍ନତି, ବିକାଶ, ପ୍ରସାର ଓ ଗବେଷଣା ପ୍ରଭୃତି କାର୍ଯ୍ୟପାଇଁ ଏକକାଳୀନ ୧୦୦କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯିବ। ତା' ବ୍ୟତୀତ ଆଉ ୫କୋଟି ଲେଖାଏଁ ଟଙ୍କା ମଧ୍ୟ ପ୍ରତିବର୍ଷ ଉକ୍ତ ଭାଷାର ବିକାଶ ଓ ଗବେଷଣା ସମ୍ବନ୍ଧିତ କାର୍ଯ୍ୟକ୍ରମ ପାଇଁ ଉପଲବ୍ଧ ହେବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଉକ୍ତ ଭାଷା ଏକ ବିଭାଗ ଓ ବିଷୟ ଭାବେ ପରିଗୃହୀତ ହେବା, ସେହି ଭାଷା ପାଇଁ ସ୍ୱତନ୍ତ୍ର ଚେୟାର୍ ପ୍ରତିଷ୍ଠା ହେବା, ଅନ୍ତର୍ଜାତୀୟ ସ୍ତରର ଭାଷା-ଗବେଷଣା କ୍ଷେତ୍ରୀୟ ପୁରସ୍କାର ପ୍ରଦାନ ପ୍ରଭୃତି ବିଭିନ୍ନ ଯୋଜନା ସରକାର ହାତକୁ ନେବାପାଇଁ ପ୍ରସ୍ତାବ ରଖିଛନ୍ତି।

☐ **ପ୍ର.ଚ.ଦା:** ଯେଉଁ ସୁବିଧାସୁଯୋଗ ପାଇବା କଥା ଆପଣ କହିଲେ, ବିଶେଷକରି ୧୦୦କୋଟି ଟଙ୍କାର ଅନୁଦାନ, ତାକୁ କିପରି ଭାବରେ ବିନିଯୋଗ କରାଯିବା ଉଚିତ୍?

☐ **ପ୍ର.କୁ.ମ:** ପିଲାମାନଙ୍କଦ୍ୱାରା ଭାଷାର ଶୁଦ୍ଧ ବ୍ୟବହାର ପାଇଁ ବିଦ୍ୟାଳୟର ପାଠ୍ୟକ୍ରମକୁ ଅନୁକୂଳ କରାଯିବା ଆବଶ୍ୟକ। ପିଲାଙ୍କୁ ଠିକ୍ ଭାବେ ଭାଷା ଶିଖାଇବା ପାଇଁ ଶିକ୍ଷକମାନଙ୍କୁ ଉପଯୁକ୍ତ ତାଲିମ୍ ଦିଆଯିବା ଜରୁରି। ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଏଭଳି ପଦକ୍ଷେପ ବ୍ୟତୀତ ଉଚ୍ଚ ବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ପଢ଼ାଇବା ପାଇଁ ଓଡ଼ିଆ ଭାଷା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ନଥିପତ୍ର କରାଯିବା ପାଇଁ ଆବଶ୍ୟକ ପ୍ରସ୍ତୁତି ଓ ତାଲିମ୍‌ର ବ୍ୟବସ୍ଥାକୁ ଆହୁରି ସଂପ୍ରସାରିତ କରାଯିବା ଉଚିତ୍। ଆମ ଭାଷାର ମୂଳ ଉତ୍ସ ଓ ପ୍ରାଚୀନତା ସଂପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ସମସ୍ତେ ବ୍ୟବହାର କରିପାରିଲା ଭଳି ଏକ ଉନ୍ନତ ମାନର ତ୍ରୁଟିଶୂନ୍ୟ ଓଡ଼ିଆ ଅଭିଧାନ ପ୍ରଣୟନ ହେବା ଦରକାର। ପ୍ରତ୍ୟେକ ସହର ଓ ଗ୍ରାମରେ ପାଠାଗାରମାନ ପ୍ରତିଷ୍ଠିତ ହେବା ସହ ସେଗୁଡ଼ିକ ବହୁସଂଖ୍ୟକ ଉପଯୁକ୍ତ ଓ ଉନ୍ନତମାନର ପୁସ୍ତକରେ ସମୃଦ୍ଧ ହେବା ଏବଂ ସେସବୁ ପାଠାଗାରଗୁଡ଼ିକର ସୁପରିଚାଳନା ମଧ୍ୟ ସୁନିଶ୍ଚିତ ହେବା ଉଚିତ୍। ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ଆହୁରି ସଂପ୍ରସାରିତ କରି ଏହାର ଏକ ନିଜସ୍ୱ ଭବନ ନିର୍ମାଣ ହେବା ଦରକାର। ଏଠାରେ ଅଧିକ କର୍ମଚାରୀଙ୍କୁ ନିଯୁକ୍ତ କରି ଏହାକୁ ଅଧିକ ସକ୍ରିୟ କରାଯିବା ଜରୁରି। ସମସ୍ତ ବିଦ୍ୟାଳୟରେ ନିୟମିତ ଭାବେ ବର୍ଷସାରା ପିଲାଙ୍କର ଭାଷା-ଜ୍ଞାନ ପରୀକ୍ଷା କରାଯାଇ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରମାନଙ୍କୁ ପୁରସ୍କୃତ ଓ ପ୍ରୋତ୍ସାହିତ କରାଯିବା ଦରକାର। ପିଲାଙ୍କ ମଧ୍ୟରେ ନିୟମିତ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବା ଉଚିତ୍। ଓଡ଼ିଆ ଭାଷାର ଶ୍ରେଷ୍ଠ ସାହିତ୍ୟ କୃତିସବୁ ଇଂଲିସ୍ ଓ ଅନ୍ୟ ଭାରତୀୟ ଭାଷାରେ ଅନୂଦିତ ହେବା ଏବଂ ଅନ୍ୟ ଭାଷାର ଶ୍ରେଷ୍ଠ କୃତିଗୁଡ଼ିକୁ ଓଡ଼ିଆରେ ଅନୁବାଦ କରାଯିବା ଆବଶ୍ୟକ।

☐ **ପ୍ର.ଚ.ଦା:** ପ୍ରତିବର୍ଷ ୫କୋଟି ଟଙ୍କାର ଯେଉଁ ଅନୁଦାନ ଆସିବ ତାହା ଖର୍ଚ୍ଚ ହୋଇପାରିବ ନା ଫେରିଯିବାର ସମ୍ଭାବନା ଅଛି?

☐ **ପ୍ର.କୁ.ମ:** ଯେଉଁମାନଙ୍କ ଉପରେ ଖର୍ଚ୍ଚ କରିବାର ଦାୟିତ୍ୱ ଅର୍ପିତ ହେବ, ଏହା ସ୍ୱାଭାବିକ ଭାବେ ସେହିମାନଙ୍କ ଉପରେ ନିର୍ଭର କରିବ। ତେବେ ଭାଷା ପାଇଁ କାମର କ'ଣ ଅଭାବ ଅଛି ଯେ ଅନୁଦାନ ଅର୍ଥ ଫେରିଯିବ?

☐ **ପ୍ର.ଚ.ଦା:** ଓଡ଼ିଆ ଭାଷାରେ 'ଶିଶୁଲେଖା' ନାମକ ପିଲାଙ୍କ ପାଇଁ ଏକ ଉଚ୍ଚକୋଟୀର ଶିଶୁ ପତ୍ରିକା ଆପଣ ପ୍ରକାଶ କରୁଥିଲେ। ତାହା ଧାରାବାହିକ ଭାବେ ବାହାରି ପାରୁନାହିଁ। ଓଡ଼ିଆ ଭାଷାର ପ୍ରସାର ପାଇଁ ଯେଉଁମାନେ ଗର୍ବ କରୁଛନ୍ତି ସେମାନେ ଦିନେ ବି ନିଜର ପ୍ରତିବାଦ ସରକାରଙ୍କୁ ଜଣାଉନାହାନ୍ତି। ଆପଣଙ୍କ ପ୍ରତିଷ୍ଠାନ ଏହି ପତ୍ରିକାଟିର ପୁନଃପ୍ରକାଶନ ପାଇଁ ଚେଷ୍ଟା କରିବ କି?

☐ **ପ୍ର.କୁ.ମ:** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ଓପେପା (ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ) ସରକାରଙ୍କ ସିଦ୍ଧାନ୍ତ ଓ ପରାମର୍ଶକ୍ରମେ ଓଡ଼ିଆ ଭାଷା ପ୍ରତିଷ୍ଠାନକୁ 'ଶିଶୁଲେଖା' ପତ୍ରିକା ପ୍ରକାଶନ ଲାଗି ଅନୁଦାନ ଯୋଗାଇ ଦେଉଥିଲେ। ଏହି ଅନୁଦାନ ୨୦୧୩-୧୪ ଆର୍ଥିକ ବର୍ଷଠାରୁ ଆଉ ନ ମିଳିବାରୁ 'ଶିଶୁଲେଖା'ର ପ୍ରକାଶନ ଏବେ ବନ୍ଦ ରହିଛି।

☐ **ପ୍ର.ଚ.ଦା:** ଅନେକ ସମୟରେ ନାମଫଳକ, ଗାଡ଼ିର ନମ୍ବର ଏବଂ ସରକାରୀ ଚିଠିପତ୍ର ଓଡ଼ିଆ ଭାଷାରେ କରିବାକୁ ପ୍ରସ୍ତାବ ସରକାର ଦେଇଥାନ୍ତି, କିନ୍ତୁ ସେ ସବୁରେ ମୁଖ୍ୟ ଭାବରେ ଇଂରାଜୀ ଭାଷାକୁ ବ୍ୟବହାର କରାଯାଇଥାଏ। ଏବେ ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ଦେବାପାଇଁ ପ୍ରାଥମିକ ସ୍ତରରେ କେଉଁ କାର୍ଯ୍ୟମାନ କରାଯାଇପାରେ?

☐ **ପ୍ର.କୁ.ମ:** ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ବ୍ୟାବସାୟିକ ପ୍ରତିଷ୍ଠାନ ପ୍ରଭୃତି ସମସ୍ତ ସ୍ଥାନରେ ନାମଫଳକଗୁଡ଼ିକ ପ୍ରଥମେ ଓଡ଼ିଆ ଭାଷାରେ ଲେଖି ଆବଶ୍ୟକତା ଅନୁଯାୟୀ ପରେ ଅନ୍ୟ ଭାଷାରେ ଲେଖିବାକୁ ସାଧାରଣ ପ୍ରଶାସନ ବିଭାଗ, ସଂସ୍କୃତି ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ରାଜସ୍ୱ ଆୟୁକ୍ତ, ଶ୍ରମ ଆୟୁକ୍ତ, ପୁଲିସ୍ ମହାନିର୍ଦ୍ଦେଶକ ପ୍ରଭୃତିଙ୍କୁ ଅନେକ ଦିନରୁ ପତ୍ର ଲେଖାଯାଇଆସୁଛି। ଆଶା, ଅବିଳମ୍ବେ ତଦନୁଯାୟୀ ସର୍ବତ୍ର ପଦକ୍ଷେପମାନ ଗୃହୀତ ହେବ।

☐ **ପ୍ର.ଚ.ଦା:** ଓଡ଼ିଆ ଭାଷାରେ ଅନେକ ପତ୍ରପତ୍ରିକା ପ୍ରକାଶ ପାଉଛି। କିନ୍ତୁ ସେଥିରେ ବହୁ ମୁଦ୍ରଣ ତ୍ରୁଟି ଅନେକ ସମୟରେ ଦେଖିବାକୁ ମିଳୁଛି। ଏଥିପାଇଁ ପ୍ରକାଶକ ଓ ଲେଖକମାନେ କେତେ ସଚେତନ



ହେବା ଉଚିତ୍? ପାଠ୍ୟ ପୁସ୍ତକରେ ମଧ୍ୟ ଅନେକ ମୁଦ୍ରଣ ଓ ଅନ୍ୟାନ୍ୟ ତ୍ରୁଟିସବୁ ରହୁଛି। ତାହା ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏଥିପାଇଁ ବିଶେଷଜ୍ଞମାନେ କାହିଁକି ଦୃଷ୍ଟି ଦେଉନାହାନ୍ତି?

☐ **ପ୍ର.କୁ.ମ:** ଆପଣଙ୍କ ଅଭିଯୋଗ ସତ୍ୟ। ପତ୍ରପତ୍ରିକା ଏବଂ ପୁସ୍ତକର ଲେଖକ ଓ ପ୍ରକାଶକମାନେ ଯଥାକ୍ରମେ ନିର୍ଭୁଲ୍ ପାଣ୍ଡୁଲିପି ପ୍ରସ୍ତୁତି ଓ ତ୍ରୁଟିଶୂନ୍ୟ ମୁଦ୍ରଣ ପ୍ରତି ଅତ୍ୟନ୍ତ ଯତ୍ନବାନ୍ ହେବା ଉଚିତ୍। ମାତ୍ର ଓଡ଼ିଶାରେ ସର୍ବତ୍ର ତାହା ହୁଏ ନାହିଁ। ହାତ, ପାଦ ଓ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଠିକ୍ ନଥିବା ଗୋଟିଏ ମଣିଷର ବୈକଲ୍ୟ ଓ ଦୟନୀୟତା ଯେପରି ଦୁଃଖଦାୟକ, ଗୋଟିଏ ନାନା ମୁଦ୍ରାଦୋଷରେ ତ୍ରୁଟିଯୁକ୍ତ ପୁସ୍ତକ ମଧ୍ୟ ସେହିଭଳି ଅକାମ୍ୟ। ଇଂଲିଶ୍ ଓ ଅନ୍ୟ ଭାଷାର ନିର୍ଭୁଲ୍ ଛପାଯାଇଥିବା ବହି ଓ ପତ୍ରିକା ଦେଖିଲେ ଓଡ଼ିଆ ବହି ଓ ପତ୍ରପତ୍ରିକାର ଦୁରବସ୍ଥା କଥା ଭାବି ମନରେ ବ୍ୟଥା ହୁଏ। ପୁଣି ପାଠ୍ୟପୁସ୍ତକ ତ ପିଲାମାନଙ୍କ ପାଇଁ 'ବେଦ'ତୁଲ୍ୟ। ସେଥିରେ କୌଣସି ଭୁଲ୍ ଥାଇପାରେ ବୋଲି ଛାତ୍ରୀଛାତ୍ରୀମାନେ ସହଜରେ ବିଶ୍ୱାସ କରନ୍ତି ନାହିଁ। ଅଥଚ ଆମର ପାଠ୍ୟପୁସ୍ତକମାନଙ୍କରେ ମଧ୍ୟ ବେଳେବେଳେ ଅନେକ ଭୁଲ୍ ଭ୍ରାନ୍ତି ରହେ। ଏହା ନିଶ୍ଚୟ ଅତ୍ୟନ୍ତ ଦୁଃଖର କଥା।

ଆମ ପ୍ରିୟ ମାତୃଭାଷା ଉପରେ ଏଭଳି ମନଇଚ୍ଛା ଅତ୍ୟାଚାର କରିବାର ଅଧିକାର କାହାର ନାହିଁ। ଏହାର ନିରାକରଣ ପାଇଁ ସମସ୍ତ ସ୍ତରରେ ଦୃଢ଼ ଓ କଠୋର ପଦକ୍ଷେପମାନ ଗୃହୀତ ହେବା ଆବଶ୍ୟକ।

☐ **ପ୍ର.ଚ.ଦା:** ଆପଣ ନିଜେ ନିଜ ବ୍ୟକ୍ତିତ୍ୱର ସକାରାତ୍ମକ ଓ ନକାରାତ୍ମକ ଦିଗଗୁଡ଼ିକୁ କିପରି ଦେଖନ୍ତି?

☐ **ପ୍ର.କୁ.ମ:** ସକାରାତ୍ମକ ଦିଗ ବହୁତ କମ୍। ମୋର ଅଧିକାଂଶ ଗୁଣ ବୋଧହୁଏ ନକାରାତ୍ମକ। ଲୋକଙ୍କୁ ସହଜରେ ବିଶ୍ୱାସ କରିଯିବା, ଦୋଷୀକୁ ସହଜରେ କ୍ଷମା କରିଦେବା, ଗର୍ବ ଓ ଅହଂକାର ପ୍ରଦର୍ଶନ କରିନପାରିବା, ମିଛ କହି ନ ପାରିବା, କୋଳାହଳଠାରୁ ଦୂରେଇ ରହି ନିଜ କାମ କରିବା, କାହାକୁ କିଛି ମାଗି ନପାରିବା, ଖୋସାମତ୍ କରି ନପାରିବା, ପଛଧାଡ଼ିରେ ବସିବାକୁ ପସନ୍ଦ କରିବା... ଏସବୁ ତ ଏ ଯୁଗରେ ଘୋର ନକାରାତ୍ମକ ଗୁଣ। ଏଭଳି ଗୁଣ ଧରି ମଣିଷ ଆଧୁନିକ ଯୁଗରେ ଝୁଣ୍ଟି ଝୁଣ୍ଟି ରକ୍ତାକ୍ତ ହେବାକୁ ବାଧ୍ୟ। ଛାଡ଼ନ୍ତୁ ସେକଥା।

☐ **ପ୍ର.ଚ.ଦା:** ଆପଣଙ୍କର କ'ଣ ସବୁ ପ୍ରକାଶିତ ପୁସ୍ତକ ଅଛି? ନିଜର ବା ଅନ୍ୟ କେଉଁ ଲେଖକଙ୍କ ବହି ଦ୍ୱାରା ଆପଣ ଜୀବନରେ ବେଶ୍ ପ୍ରଭାବିତ ହୋଇଛନ୍ତି?

☐ **ପ୍ର.କୁ.ମ:** ମୋର ସମୁଦାୟ ୧୬/୧୭ଟି ପ୍ରକାଶିତ ବହି ଅଛି। ୭ଟି କବିତା ସଂକଳନ, ୨ଟି ଗଳ୍ପ ସଂକଳନ, ଗୋଟିଏ ଉପନ୍ୟାସ, ଗୋଟିଏ ଭ୍ରମଣ କାହାଣୀ, ଗୋଟିଏ ହିନ୍ଦୀରେ ଅନୂଦିତ କବିତା ଗ୍ରନ୍ଥ, ୪ଟି ସଂପାଦିତ ଗ୍ରନ୍ଥ, ଗୋଟିଏ ଗବେଷଣା ସନ୍ଦର୍ଭ ଅଛି। ଗବେଷଣା ଗ୍ରନ୍ଥଟି ଓଡ଼ିଆ ସାହିତ୍ୟର ଇତିହାସର ପ୍ରଥମ ଇତିହାସ।

'ମହାଭାରତ'କୁ ଛାଡ଼ିଦେଲେ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଇତିହାସ ଓ ତହିଁରେ ମୋ ସ୍ଥାନ', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଉପନ୍ୟାସ 'ମାଟିର ମଣିଷ', ମନୋଜ ଦାସ, ଚନ୍ଦ୍ରଶେଖର ରଥ, ସଚ୍ଚି ରାଉତରାୟ, ରମାକାନ୍ତ ରଥ, ଭିକ୍ଟର ହ୍ୟୁଗୋ, ବାଲ୍‌ଜାକ୍, ମାୟାକୋଭସ୍କି, ଆର୍.କେ.ନାରାୟଣନ୍...ଏହିଭଳି ଅନେକ ଲେଖା ଓ ଲେଖକ ମତେ ପ୍ରଭାବିତ କରିଛନ୍ତି।

ନିଜର କିଛି ଲେଖା ମଧ୍ୟ ମୋ ଆବେଗର ଅତି ପାଖେପାଖେ ସବୁବେଳେ ଥାଆନ୍ତି। ଯେମିତି ମୋର 'ପ୍ରିୟସଖା' କବିତା ଗ୍ରନ୍ଥର ଅନେକ

କବିତା, ଅନ୍ୟାନ୍ୟ ଗ୍ରନ୍ଥର କେତେକ କବିତା ଏବଂ ମୋ ଭ୍ରମଣକାହାଣୀ 'ସେ ଦେଶ', ମୋ ଉପନ୍ୟାସ 'ଅନ୍ଧାର ଆରପାଖେ'... ନିଜର ଏସବୁ ଲେଖା ତୀବ୍ର ଆବେଗରେ ମୋତେ ଜଡ଼ାଇ ରଖିଥା'ନ୍ତି। ବେଳେବେଳେ ସେ ଅନୁଭୂତି ଏତେ ଉଦ୍‌ବେଳିତ କରେ ଯେ ମୁଁ ସେମାନଙ୍କଠୁଁ ସବୁଦିନ ଲାଗି ଖସି ଚାଲିଯିବାକୁ ଛଟପଟ ହୁଏ...। ସେ ଅନୁଭୂତିକୁ ଆଉ ସହଜ ସରଳ ଭାବେ ବୁଝେଇ କହିବା ଜମାରୁ ସମ୍ଭବ ନୁହେଁ।

☐ **ପ୍ର.ଚ.ଦା:** ଆପଣଙ୍କ ସାହିତ୍ୟ ସାଧନା ସଂପର୍କରେ ଆଉକିଛି କହିବେ କି ?



☐ **ପ୍ର.କୁ.ମ:** ମୁଁ କମ୍ ଲେଖେ। କାରଣ ବେଶି ଲେଖିପାରେନା। ନିଜକୁ ଆଶ୍ୱାସନା ଦେବାକୁ ଯାଇ ନିଜକୁ କହେ ଯେ ସଂସାରରେ ସବୁ ଭଲ ଜିନିଷର ପରିମାଣ କମ୍। ନିଜର କିଛି ଲେଖାକୁ ଆବଶ୍ୟକତାଠୁ ବେଶି ଆବେଗଗର୍ଭିତ ଭାବରେ ଫେରିଚାହେଁ। କେବଳ ଜଣେ 'ଲେଖକ'ର ନୁହେଁ, ପ୍ରତ୍ୟେକ ମଣିଷର ଆତ୍ମସମ୍ମାନ ସବୁଠୁ ମହାର୍ଘ ବୋଲି ବିଶ୍ୱାସ କରେ।

ଦ୍ୱିତୀୟ ଉପନ୍ୟାସ ଲେଖିବାକୁ ପ୍ରାୟ ଦୁଇବର୍ଷ ତଳେ ବାହାରିଥିଲି। ମାତ୍ର ୮ପୃଷ୍ଠା ଲେଖିଛି। ସେ ଉପନ୍ୟାସର ବିଷୟବସ୍ତୁ ସଂପୂର୍ଣ୍ଣ ଅପାରମ୍ପରିକ। ହେଲେ ଦୁଇବର୍ଷ ମଧ୍ୟରେ ମାତ୍ର ୮ପୃଷ୍ଠା ଲେଖିପାରିଥିବାରୁ ସେଇଟି ଜୀବଦ୍ଦଶା ମଧ୍ୟରେ ଶେଷ ହୋଇପାରିବ ବୋଲି ସହଜରେ ବିଶ୍ୱାସ ହେଉନି। ସେହି ଉପନ୍ୟାସର କଥାବସ୍ତୁ ଓ ଭାବଭୂମିଟି ଦୁଇବର୍ଷ ହେବ ସଦାବେଳେ ମୋ ଭିତରେ ମୃଦୁ ଭାବେ ଅସ୍ଥିର ଓ ଆନ୍ଦୋଳିତ ହୋଇଚାଲିଛି।

☐ **ପ୍ର.ଚ.ଦା:** ଆପଣ ଓଡ଼ିଆ ଭାଷା ପ୍ରତିଷ୍ଠାନରେ ନିର୍ଦ୍ଦେଶକ ଥିବା ସମୟରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା। ଆପଣଙ୍କର ଏ ବାବଦରେ କ'ଣ ଦାୟିତ୍ୱବୋଧ ରହିବ ?

☐ **ପ୍ର.କୁ.ମ:** ଈଶ୍ୱରଙ୍କ ଇଚ୍ଛାରୁ ଏଭଳି ଏକ ସୌଭାଗ୍ୟ ମୋତେ ମିଳିଲା। ଏହା ଅବଶ୍ୟ ଏକ ସଂଯୋଗ ଯେ ମୁଁ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଥିବାବେଳେ ଏହି ଘଟନାଟି ଘଟିଛି। ନିଜ ପ୍ରିୟ ମାତୃଭାଷା ପାଇଁ ସାମାନ୍ୟ କିଛି କରିବାର ସୁଯୋଗ ପାଇ ମୁଁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ୍ ମଣୁଛି।

ଦାୟିତ୍ୱ ଅନେକ। ତେବେ ଦାୟିତ୍ୱ କେବଳ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶକଙ୍କର ନୁହେଁ। ଅଥବା ମୁଷ୍ଟିମେୟ ଗବେଷକ, ଭାଷାବିତ୍, ଅଧିକାରୀ ବା ଲୋକପ୍ରତିନିଧିଙ୍କର ନୁହେଁ। ଆମ ମାତୃଭାଷା ଓଡ଼ିଆ ସାଢ଼େ ୪କୋଟି ଲୋକଙ୍କର ବୌଦ୍ଧିକ ଓ ସାମାଜିକ ସଂପତ୍ତି। ତା'ର ସୁରକ୍ଷା ଓ ବିକାଶର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ଭାଷା ଉପରେ ସମସ୍ତ ପ୍ରକାର ଅତ୍ୟାଚାର କରି ଆମ ଭାଷା ମରିବ ନାହିଁ ବୋଲି ଆସ୍ଫାଳନ କଲେ ପରିଣତି ନିଶ୍ଚୟ ଦୁଃଖଦାୟକ ହେବ।

☐ **ପ୍ର.ଚ.ଦା:** ଅବସର ଗ୍ରହଣ ପରେ କ'ଣ ସବୁ କରିବାକୁ ଯୋଜନା ରହିଛି ଆପଣଙ୍କର ?

☐ **ପ୍ର.କୁ.ମ:** ଏବେ ଯୋଜନା କରିବାକୁ, ସ୍ୱପ୍ନ ଦେଖିବାକୁ ଖୁବ୍ ଭୟ ଲାଗେ। ମୁଁ ଗୋଟେ ଅଲଗା କଥା କରେ। ଜଣେ ଏମିତି ହୁଅନ୍ତା, ସେମିତି ହୁଅନ୍ତା ବୋଲି ସ୍ୱପ୍ନ ଦେଖେ, ଏମିତି ସେମିତି କରିବି ବୋଲି ଯୋଜନା କରେ। ମୁଁ କିନ୍ତୁ ଯୋଜନା କରିବା ସହ କଳ୍ପନାରେ ଯୋଜନାର ବାସ୍ତବ ରୂପ ପାଖରେ ଆଗତୁରା ଯାଇ ପହଞ୍ଚିଯାଏ। ଏଭଳି କଳ୍ପନା ବିଳାସ ବେଳେବେଳେ କେତେକ ନୈରାଶ୍ୟର ବିପର୍ଯ୍ୟୟରୁ ରକ୍ଷା କରିଦିଏ।

ଜୀବନ ଏତେ ଛୋଟ ଯେ ବହୁତ ସ୍ୱପ୍ନ ଦେଖି ସେସବୁ ପୂରଣ ନ ହୋଇପାରିବାରୁ ଦୁଃଖ ଲାଗିବା ସ୍ୱାଭାବିକ। ଯଦି ସେମାନେ ସତକୁ ସତ ସ୍ୱପ୍ନରୁ ଓହ୍ଲାଇଆସି ବାସ୍ତବରେ ରୂପାନ୍ତରିତ ହୋଇଯାଆନ୍ତି ତ ସବୁଠୁ ବଡ଼ ସୌଭାଗ୍ୟର କଥା। ସେଥିପାଇଁ ଏକନିଷ୍ଠ ସାଧନା ଓ ଦୈବୀ ଅନୁମୋଦନ ଲୋଡ଼ା।

ଅତୀତର ସୁଖକର ମୁହୂର୍ତ୍ତମାନଙ୍କୁ ମୁଁ ଅନେକ ସମୟରେ କଳ୍ପନାରେ ଫେରିଚାଲିଯାଏ। ସେଥିରେ ଆତ୍ମା ଏକ ବିଚିତ୍ର 'ଅଶ୍ଳୀଳ ସୁଖ' ପାଏ।

ଓଡ଼ିଆ ଭାଷାର ସଂସ୍କାର, ଶୁଦ୍ଧ ବ୍ୟବହାର ଓ ବିକାଶ ଲାଗି କିଛି ଗୁରୁତ୍ୱପୂର୍ଣ୍ଣ ଓ ବିଶେଷ କାର୍ଯ୍ୟ କରିବାକୁ ଚାହେଁ।

ଯଦି ମୋର ଉପନ୍ୟାସଟି ଅବସର ନେବା ବେଳସୁଦ୍ଧା ସରିନଥାଏ, ଚାକିରିରୁ ଅବସର ନେବା ପରେ ଏବଂ ସଂସାରରୁ ଅବସର ନେବା ପୂର୍ବରୁ ଆଉ କିଛିସମୟ ଯଦି ଅଦୃଷ୍ଟ ମଂଜୁର୍ କରେ, ତା'ହେଲେ ଉପନ୍ୟାସଟି ଶେଷ କରିବାକୁ ନିଶ୍ଚୟ ଚାହିଁବି।

☐☐☐